# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ ମସିହା ନଭେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଧାନରେ ଫୁଲ ଧରିବାର ୧୫ ଦିନ ପରେ ଜମିରୁ ପାଣି ବାହାର କରିଦିଅନ୍ତୁ ।
- ଶତକଡା ୮୦ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ପ୍ରତ୍ୟେକ କିସମ ଅଲଗା ଭାବରେ ସଫା କରି ଧାନ ବସ୍ତାରେ ରଖନ୍ତୁ ।
- ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନହୁଏ ।
- ଜଳସେଚିତ ମଧ୍ୟମ କିସମର ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା ମଟର, ବିରି, ପେସି ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ବନ୍ଧଥିବା ଉଚ୍ଚାଜମି, ସ୍ୱଳ୍ପ ଜଳସେଚନର ସୁବିଧାଥିବା ସ୍ଥାନରେ ବିଲାତିବାଇଗଣ, ତୋରିଆ, ସୋରିଷ ଆଦି ଫସଲ ଲଗାଯାଇପାରିବ ।
- ଏହି ସମୟରେ ଧାନରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ନ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

  ସେହିସବୁ ପୋକମାନଙ୍କର ଆର୍ଥିକ ଦେହଳୀ ସୀମା (**ETL**) ହେଲା :

  - ବାଦାମୀ ଗୁଣ୍ଡିପୋକ- ପ୍ରତି ବୁଦାରେ ୫ ରୁ ୧୦ଟି ପୋକ
  - ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫ ରୁ ୧୦ ଟି ପୋକ
  - ଗନ୍ଧିପୋକ-ପ୍ରତି ବର୍ଗମିଟରରେ ୨ରୁ ୪ ଟା ପୋକ

(**ବି.ଦ୍ର:** ବାଦାମୀ ଗୁଣ୍ଡିପୋକ ଓ ଧଳା ପତ୍ରଡିଆଁ ପୋକ ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳରୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ଆମେ ସେମାନଙ୍କର ସଂଖ୍ୟା ଜାଣିପାରିବା)

ଆର୍ଥିକ ଦେହଳୀ ସୀମାରୁ ପୋକ ସଂଖ୍ୟା ଅଧିକ ଦେଖାଦେଲେ ନିମ୍ନଲିଖିତ କୀଟନାଶକ ଔଷଧକୁ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର । ମାତ୍ର ଧାନ ପାକଳ ହେବାପରେ ଅମଳ ସମୟ ହୋଇଥିଲେ ଲେଡା ପୋକ ବ୍ୟତିତ ଅନ୍ୟ ପୋକର ଦମନ ପାଇଁ କୌଣସି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

**ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ/ସବୁଜ ପତ୍ରଡିଆଁ ପୋକ :**

ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୫୦ ମି.ଲି./ଏକର କିମ୍ବା

ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍/ଏକର କିମ୍ବା

ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି./ଏକର କିମ୍ବା

ନିମ୍ବ ତେଲ @ ୫ ମି.ଲି./ଲିଟର ପାଣିରେ ଶତକଡ଼ା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରିବା ଦରକାର

**ଗନ୍ଧିପୋକ:**

ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି./ଏକର-ପତ୍ରସିଞ୍ଚନ କିମ୍ବା

ମାଲାଥିଅନ୍ ୫ ଡି. ୧୦ କି.ଗ୍ରା./ଏକର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ ।

ଏକ ଏକର ନିମନ୍ତେ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

**ଲେଡାପୋକ**(Ear cutting catepillar):

କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି./ଏକର କିମ୍ବା

କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି./ଏକର କୁ ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରିବା ଆବଶ୍ୟକ ।

- ❖ ସଠିକ୍ ପରିମାଣର କୀଟନାଶକ ଔଷଧ ବ୍ୟବହାର କରି ଗଛର ତଳଭାଗରେ ସିଆରରେ ଯାଇଁ ପ୍ରୟୋଗ କରନ୍ତୁ ।

- ❖ ବିଲରେ କଦାପି ଧାନ ଫସଲକୁ ପୋକ ଲାଗିଥିବା ଅବସ୍ଥାରେ ପୋଡନ୍ତୁ ନାହିଁ କାରଣ ଏହା କରିବା ଫଳରେ ବାଦାମୀଗୁଣ୍ଡି ପୋକ ଭଲଥିବା ଫସଲ ବା ଧାନ କିଆରୀକୁ ବ୍ୟାପିଯାଇଥାଏ ।

ଅସମୟରେ ବର୍ଷା ଯୋଗୁଁ କେତେକ ରୋଗ ମଧ ଦେଖାଯିବାର ସମ୍ଭାବନା ଥାଏ ସେଗୁଡିକ ହେଲା ସାଆଁରା ରୋଗ, ପତ୍ରାଚ୍ଛାଦ ସଢ଼ା ରୋଗ, କେଣ୍ଡା ମହିଷା ରୋଗ ସେଥିପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ ।

- ❖ **ସାଆଁରା ରୋଗ(False Smut)** : ସାଆଁରା ରୋଗ ଦମନ ପାଇଁ କପରଅକ୍ସିକ୍ଲୋରାଇଡ୍ ୭୭ ଡବ୍ଲ୍ୟୁ.ପି ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଫୁଲ ଧରିବା ପୂର୍ବରୁ ସ୍ପ୍ରେ କରନ୍ତୁ କିମ୍ବା କ୍ଲୋରୋଥାଲୋନିଲ୍ ୭୫ ଡବ୍ଲ୍ୟୁ.ପି ୨ ଗ୍ରାମ୍ କିମ୍ବା ଟେବୁକୋନାଜୋଲ୍ ୨୫୦ ଇ.ସି ୧ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ଫୁଲ ବାହାରିବା ପରେ ସ୍ପ୍ରେ କରନ୍ତୁ ।

- ❖ **ଗଣ୍ଡି / କେଣ୍ଡା ମହିଷା ରୋଗ(Neck/Panicle Blast)** : ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି ୦.୬ ଗ୍ରାମ୍ ପ୍ରତି ଲିଟର ପାଣି କିମ୍ବା ଟେବୁକୋନାଜୋଲ୍ ୫୦+ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫ ଡବ୍ଲ୍ୟୁ.ପି ୦.୪ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ❖ **ପତ୍ରାଚ୍ଛାଦ ସଢ଼ା ରୋଗ(Sheath rot)** : ପତ୍ରାଚ୍ଛାଦ ସଢ଼ା ରୋଗ ଦମନ ପାଇଁ ହେକ୍ସାକୋନାଜୋଲ୍ ୫ ଇ.ସି. ୨ ମି.ଲି ପ୍ରତି ଲିଟର ପାଣି କିମ୍ବା ପ୍ରୋପିକୋନାଜୋଲ୍ ୨୫% ୧ ମି.ଲି. ପ୍ରତି ଲିଟର ପାଣି କିମ୍ବା ଥିଫ୍ଲୁଜାମାଇଡ୍ ୨୪ ଏସ୍.ସି ୧ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******